## ସଂକ୍ଷେପରେ

### ଡିମିରିପଲ୍ଲୀରେ ଘରେ ପଶି ଲୁଟ

ଭଞ୍ଜନଗର,୨୯।୩(ଡି.ଏନ.ଏ.)

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଡିମିରିପଲ୍ଲୀରେ ମଙ୍ଗଳବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ସୁଦର୍ଶନ ପାତ୍ରଙ୍କ ଭଣଜା ମହେନ୍ଦ୍ର କୁମାରଙ୍କ ଘରର ବାରି କବାଟ ଭାଙ୍ଗି ପ୍ରାୟ ନଗଦ ୭୦ ହଜାର ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ଜିନିଷ ଚୋରି କରିନେଇଛନ୍ତି। ଏ ନେଇ ସୁଦର୍ଶନ ବୁଧବାର ବେଲଗୁଣ୍ଠା ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମହେନ୍ଦ୍ର ଆସନ୍ତା ମେ ମାସରେ ବିବାହ କରିଥାନ୍ତେ। ତେଣୁ ମହେନ୍ଦ୍ରଙ୍କ ମା' ଧାର କରଜ କରି ଘରେ ଟଙ୍କା ସହ ସୁନା ଗହଣା କିଣି ରଖିଥିଲେ। ଦୁର୍ବୃତ୍ତମାନେ ରାତିରେ ବାରିପଟ କବାଟ ଭାଙ୍ଗି ସବୁ ଲୁଟି ନେଇଥିଲେ। ସକାଳୁ ମହେନ୍ଦ୍ର ଓ ଅନ୍ୟମାନେ ଉଠି ଚୋରି ହୋଇଥିବା ଜାଣିଥିଲେ। ପରେ ପଡ଼ୋଶୀ ଘରେ ରହୁଥିବା ମାମୁ ସୁଦର୍ଶନ ପହଞ୍ଚି ପୋଲିସକୁ ସୂଚନା ଦେଇଥିଲେ। ବିଗତ କିଛିଦିନ ହେବ ବେଲଗୁଣ୍ଠା ଥାନା ଅଞ୍ଚଳରେ ଚୋରି ବଢୁଥିବା ଅଭିଯୋଗ ହୋଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

### ବୁଗୁଡ଼ାରେ ମଶା ଉପଦ୍ରବ

ବୁଗୁଡ଼ା,୨୯।୩(ଡି.ଏନ.ଏ.)-ବୁଗୁଡ଼ା ସହରରେ ଅସହ୍ୟ ହେଲାଣି ମଶା ଯନ୍ତ୍ରଣା। ସହରରେ ଏବେ ମଶା ଯୋଗୁ ଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ସହରରେ ଦୁଇ ପ୍ରକାରର ମଶା ଦେଖାଯାଉଛି। ଗୋଟିଏ ପ୍ରକାରର ମଶା ଲଟାବୁଦା ଥିବା ଜାଗାରେ ଦେଖାଯାଉଥିବା ବେଳେ ଅନ୍ୟଟି ନର୍ଦ୍ଦମା ଓ ଘରର ଶୌଚାଳୟରୁ ବାହାରୁଥିବା ଦେଖାଯାଉଛି। ଏନ୍ଏସିର ଅଧିକାଂଶ ଡ୍ରେନରେ କଭର ପ୍ଲେଟ୍ ନଥିବା ବେଳେ ମାସ ମାସ ଧରି ସେଗୁଡିକକୁ ସଫା ନକରିବା ଫଳରେ ମଶା ବଂଶ ଆଶାତୀତ ଭାବେ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ସହରର ଫାଙ୍କା ଜାଗାରେ ଗଢ଼ି ଉଠିଥିବା ଲଟାବୁଦା ଏବଂ ଆବର୍ଜନା ପରିବେଶ ଯୋଗୁ ମଶା ପ୍ରବଳ ହେଉଛି। ଏଥିପ୍ରତି ଏନ୍ଏସି କର୍ତ୍ତୃପକ୍ଷଙ୍କ କୌଣସି ନିଘା ରହୁନାହିଁ। ମଶା ମାରିବା ପାଇଁ ଟିଫା ମେସିନ୍ କିଣାଯାଇଥିଲେ ହେଁ ତାକୁ କାମରେ ଲଗାଯାଉନାହିଁ। ସହରର ସର୍ବସାଧାରଣ ଜାଗାଗୁଡିକୁ ଏନ୍ଏସି ପକ୍ଷରୁ ଏକ ପ୍ରକାର ସଫେଇ କରାଯାଉଥିଲେ ହେଁ ସହରରେ ରହିଥିବା ପ୍ରାଇଭେଟ୍ ଜାଗା ଗୁଡିକ ଏବେ ଆବର୍ଜନାମୟ ହୋଇ ରହିଛି। ଶହ ଶହ ପ୍ରାଇଭେଟ୍ ଜାଗା ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ବେଳେ ମାଲିକ ମାନେ ସଫା କରୁନାହାନ୍ତି। ସେମାନଙ୍କ ପ୍ରତି ମଧ ଏନ୍ଏସି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତେବେ ସହରବାସୀଙ୍କୁ ମଶା ଦାଉରୁ ରକ୍ଷା କରିବା ପାଇଁ ଏନ୍ଏସି ପକ୍ଷରୁ ନାଳ ନର୍ଦ୍ଦମା ସଫେଇ ସହ ମଶା ମରା ଟିଫା ମେସିନର ପ୍ରୟୋଗ କରିବାକୁ ସାଧାରଣରେ ଦାବି ହେଉଛି।

### ୬ଷ୍ଠ ପଞ୍ଚାୟତ ସମିତି ବୈଠକ

ହିଞ୍ଜିଳିକାଟୁ ୨୯।୩(ଡି.ଏନ.ଏ)-ହିଞ୍ଜିଳିକାଟୁ ବ୍ଲକ ସଭା ଗୃହରେରେ ପଞ୍ଚାୟତ ସମିତିର ୬ଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀଙ୍କ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ଜିଲାପରିଷଦ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକର ସଫଳ ରୂପାୟନ କରି ହିଞ୍ଜିଳିକାଟୁ ବ୍ଲକକୁ ରାଜ୍ୟର ଶ୍ରେଷ୍ଠ ବ୍ଲକରେ ପରିଣତ କରିବାନେଇ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ କୃଷି ବିପଣନ ବୋର୍ଡ ଉପଦେଷ୍ଟା ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସୁରେନ୍ଦ୍ରନାଥ ପ୍ରଧାନ, ବ୍ଲକ ଉପାଧକ୍ଷ ସୁନିଲ କୁମାର ଗନ୍ତାୟତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରିଧର ବେହେରା ମଞ୍ଚାସୀନ ରହିଥିଲେ। ଉକ୍ତ ବୈଠକରେ ପାନୀୟ ଜଳ ସମସ୍ୟା, ଆବାସ ଗୃହ ନିର୍ମାଣ, ପାନୀୟ ଜଳ, ଜଳାଶୟ ଗୁଡିକର ରକ୍ଷଣା ବେକ୍ଷଣ ଓ ଉନ୍ନତି, ଜଳ ସେଚନ, କୃଷି ଓ ଧନମଣ୍ଡି ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ବିଭିନ୍ନ ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ବିଭାଗର ପଦାଧିକାରୀ, ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗଣତନ୍ତ୍ରର କଣ୍ଠରୋଧ କରୁଛି କେନ୍ଦ୍ର

## ୨୦ରେ ପ୍ରତିବାଦ ସଭା

ଛତ୍ରପୁର,୨୯।୩(ଡି.ଏନ୍.ଏ)


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଭାଜପା ନେତୃତାଧିନ କେନ୍ଦ୍ର ସରକାର ଗଣତନ୍ତ୍ରର କଣ୍ଠରୋଧ କରିବାରେ ଲାଗିଛି। ଏବେ ସବୁ ଦଳର ନେତାଙ୍କୁ ହଇରାଣ କରିବା ସହ ସିବିଆଇ, ଇଡି, କୋର୍ଟ ଓ ନିର୍ବାଚନ କମିଶନ ଭଳି ସ୍ୱତନ୍ତ୍ର ସଂସ୍ଥାକୁ ବ୍ୟବହାର କରି ରାଜନୈତିକ ଓ ଦଳୀୟ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର କାମ କରୁଛି । ବୁଧବାର ସନ୍ଧ୍ୟାରେ ଛତ୍ରପୁର ଠାରେ ଅନୁଷ୍ଠିତ ଅଣଭାଜପା ଦଳର ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ସିପିଆଇ ନେତା ଏନ୍.ନାରାୟଣ ରେଡ୍ଡୀ ଏହି ଅଭିଯୋଗ କରିଛନ୍ତି । ଆଦାନୀ ଘର ଉପରେ କାହିଁକି ରେଡ୍ ହେଉନି ବୋଲି ସେ ସମାଲୋଚନା କରିଛନ୍ତି । ରାତି ଅଧିଆ ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ରଦ୍ଦ କରାଯାଇଥିବା କଂଗ୍ରେସର ବରିଷ୍ଠ ନେତା ଭାଗିରଥି ବେହେରା ନିନ୍ଦା କରିବା ସହ ଗଣତନ୍ତ୍ରର ହତ୍ୟା ଭାଜପା ତଥା କେନ୍ଦ୍ର ସରକାର କରୁଥିବା ସେ କହିଥିଲେ । ଚାଷୀ ନେତା ତଥା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହକ କହିଥିଲେ ଯେ ଜଳ, ଜଙ୍ଗଲ ଓ ଜମି ଆଦି ପ୍ରାକୃତିକ ସମ୍ପଦକୁ କମ୍ପାନୀ ମାନଙ୍କୁ କେନ୍ଦ୍ର ସରକାର ଟେକି ଦେବାରେ ଲାଗିଛନ୍ତି। ଏବେ ଭାଜପା ପକ୍ଷରୁ ଜାତି ଓ ଧର୍ମ ଭିତ୍ତିକ ରାଜନୀତି କରୁଛି ବୋଲି ସେ ସମାଲୋଚନା କରିଥିଲେ । ଅନ୍ୟମାନଙ୍କରେ ମଧ୍ୟରେ ସିପିଆଇ ନେତା ଡି. ଆଦି ନାରାୟଣ ରେଡ୍ଡୀ, ଆଇନଜୀବୀ ବାବୁ ନାହାକ, ସିପିଆଇ ନେତା ସିଏଚ୍.ଜନାର୍ଦ୍ଦନ ରେଡ୍ଡୀ ଓ ନୀଳକଣ୍ଠ ଦାଶ, ଇଜୁ ଅମିନ୍ ଖାନ, କ୍ରିଷ୍ଣା ପ୍ରମୁଖ ଖବରଦାତା ସମ୍ମିଳନୀରେ ଭାଜପା ଓ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିବା ସହ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଆସନ୍ତା ଏପ୍ରିଲ ୨୦ ତାରିଖରେ ଛତ୍ରପୁର ଠାରେ ବିରାଟ ପ୍ରତିବାଦ ସଭା ଆୟୋଜନ ହେବ ଏବଂ ଭାଜପା ବ୍ୟତୀତ ସମସ୍ତ ଦଳର ନେତା ଏଥିରେ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।

# ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୯।୩

ରାଷ୍ଟ୍ରିୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଗିରି ରୋଡ଼ ସ୍ଥିତ ଭି.ଭି. ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଓ ରାକେଶ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ଉପସ୍ଥିତ ଥିଲେ। ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପୁରୁଣା ପାଟଣାର ପ୍ରଧାନ ଶିକ୍ଷକ ଗୋକୁଳ କୃଷ୍ଣ ପଣ୍ଡା ପରିଚାଳନା କରିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶାର ଐତିହ୍ୟ, ପରିବେଶ, ସଂସ୍କୃତି, ଜଙ୍ଗଲ ଜନ୍ତୁ, ଇତିହାସ, ବିଜ୍ଞାନ ସମ୍ପର୍କିତ କୁଇଜ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ନଳବଣ୍ଟାର ଛାତ୍ର ରୁଦ୍ର ପ୍ରସାଦ ପଟ୍ଟନାୟକ, ପାଟପୁର ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞା ସାହୁ ଓ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ମନିସା ଶୁକ୍ଳା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ମୌଳିକ ସାକ୍ଷରତା ଓ ସଂଖ୍ୟା ପରିଦର୍ଶନ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ପ୍ରତିଭା।

ଗୋପାଳପୁର,୨୯।୩(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ କନିଷି ହାଟ ସ୍ଥିତ ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକ ସ୍ତରୀୟ ଶିକ୍ଷଣ ସାମଗ୍ରୀ ଓ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନର ପରିଦର୍ଶନ ମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତି ଲତା ମୁନି ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ମହାନଗର ଓ ରଙ୍ଗେଇଲୁଣ୍ଡା ବ୍ଲକର ୧୭ଟି କ୍ଲଷ୍ଟରର ୧୨୮ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରେ ପଠନ ଓ ସଂଖ୍ୟାଜ୍ଞାନ ନିରୁପଣର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଆସୋସିଏଟ ପ୍ରଫେସର ଡ.ଭୁବନେଶ୍ୱରୀ ମିଶ୍ର, ଡ.ସୁଚିତ୍ରା ମହାପାତ୍ର ଓ ଅଭିରାମ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟର ଶିକ୍ଷୟିତ୍ରୀ ପି.ପଦ୍ମା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ବହ୍ମପୁର ମହାନଗର କରଣ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁଜତା ପାଢ଼ୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଆସ୍କାରୋଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ରାଜଶ୍ରୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ଅତିଥି ଭାବେ କନିଷି ତହସିଲଦାର ପ୍ରଳୟା ନନ୍ଦ ଶତପଥୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ଗୋଷ୍ଠୀ ଶିକ୍ଷାଧିକାରୀ ମୁନି ଉପସ୍ଥିତ ରହି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଏବିଇଓ ଜଗନ୍ନାଥ ଭୂୟାଁ, ସୁକାନ୍ତ କୁମାର ଜେନା, ସମୀଞ୍ଚଳ ପଣ୍ଡା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁନନ୍ଦା ପଣ୍ଡା, ସିଆରସିସି ସୁଧାଂଶୁ ଦଳାଇ, ଦିଲୀପ କୁମାର ନାୟକ, ରବୀନ୍ଦ୍ର ସେଠୀ ଓ ପରମେଶ୍ୱର ପାଣିଗ୍ରାହୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# କ୍ଷୁଦ୍ର ଦାନା ଶସ୍ୟ, ପୋଷଣ ସମ୍ବନ୍ଧୀୟ କର୍ମଶାଳା

ଫୁଲବାଣୀ ଅଫିସ, ୨୯।୩



କର୍ମଶାଳାରେ ଉପସ୍ଥିତ ଅତିଥି।

ରାଇକିଆ ବ୍ଲକ କୃଷି ବିଭାଗ ପ୍ରଶିକ୍ଷଣ କେନ୍ଦ୍ରର ସ୍ୱାତୀ ପକ୍ଷରୁ କ୍ଷୁଦ୍ର ଦାନା ଶସ୍ୟ ଓ ପୋଷଣ ସମ୍ବନ୍ଧୀୟ କର୍ମଶାଳା ଆରମ୍ଭ ହୋଇଛି। ରାଇକିଆ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ ମାଣ୍ଡିଆରେ ପ୍ରସ୍ତୁତ କେକ୍ କାଟି ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ ମାଣ୍ଡିଆର ଉପକାରିତା, ଖାଦ୍ୟର ପ୍ରକ୍ରିୟା କରଣ ବିଷୟରେ କହିଥିଲେ । ନାବାର୍ଡ ଅଧିକାରୀ ସଞ୍ଜିବ କୁମାର ମହାନ୍ତି ଘରେ ଘରେ କିପରି ପୋଷଣର ଉପକାରିତା ଜାଣି ନିଜର ଖାଦ୍ୟରେ ପରିବର୍ତ୍ତନ ଆଣିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଲ୍‌ଡିଏମ୍ ହରେକୃଷ୍ଣ ଜେନା ଆର୍ଥିକ ସାକ୍ଷରତା ଓ ବ୍ୟାଙ୍କର ସୁବିଧା ବିଷୟରେ ସମସ୍ତଙ୍କୁ ଅବଗତ କରିଥିବା ବେଳେ ବ୍ଲକ କୃଷି ଅଧିକାରୀ ସଚିନ୍ଦ୍ର କୁମାର ସେଠୀ ମିଲେଟ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ କୃଷକର ଉତ୍ପାଦନ ବୃଦ୍ଧି ଉପରେ ଆଲୋଚନା କରିଥିଲେ । ମିଲେଟ ମିଶନ ଜିଲା ସଂଯୋଜିକା ସବିତା ସୁବୁଦ୍ଧି ଯୋଗଦେଇ ମିଶନ ଶକ୍ତିରେ ମିଲେଟ ଟିଫିନ ସେଣ୍ଟର ଖୋଲି ମା' ମାନେ ଉଦ୍ୟୋଗୀ ହେବା ଉପରେ ଉଦାହରଣ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନତୀ ପାଣିଗ୍ରାହୀ, ସହକାରୀ କୃଷି ଅଧିକାରିଣୀ ସୁଦିପ୍ତା ପ୍ରଧାନ୍, ସାହାରା ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ନାୟକ, ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ହରିଶଙ୍କର ରାଉତ ପ୍ରମୁଖ ଉପସ୍ଥିତ ରହି ମିଲେଟ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ରାଇକିଆ କୃଷକ ସଂଘର ସଭ୍ୟା ସଭ୍ୟ, ସଫଳ ମହିଳା ଚାଷୀ ଯୋଗ ଦେଇଥିଲେ । ସ୍ୱାତୀ ର କର୍ମୀ ଗିରିଶ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହୃଷିକେଶ ଆମାୟତ, ସଞ୍ଜୟ ରଣା, ଦିଲୀପ ପ୍ରଧାନ ଓ ନିକୁଞ୍ଜ ପ୍ରଧାନ ସହଯୋଗ କରିଥିଲେ ।

### ଓମ୍ ଶାନ୍ତି ପାଠଶାଳାର ବାର୍ଷିକ ଉତ୍ସବ

ଭଞ୍ଜନଗର, ୨୯।୩(ଡି.ଏନ.ଏ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଲଣ୍ଡେଇସାହି, ୟୁନିଟ -୪ ସ୍ଥିତ ବ୍ରହ୍ମାକୁମାରୀ ପାଠଶାଳାର ଅଷ୍ଟମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନୁପମ ବାନାର୍ଜୀଙ୍କ କରକମଳରେ ଶିବଧ୍ୱଜା ଉତ୍ତୋଳନ କରାଯାଇଛି। ସନ୍ଧ୍ୟାରେ ସ୍ନେହ ମିଳନ କାର୍ଯ୍ୟକ୍ରମରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସୁନ୍ଦର ପରିବାର ପାଇଁ ଆତ୍ମଜ୍ଞାନର ଶିକ୍ଷା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀ ପରମାତ୍ମାଙ୍କ ପରିଚୟ ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ପିଙ୍କି ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାକୁମାରୀ ଅଳିଭା, ଅନିତା, ତେଜସ୍ୱିନୀ ଓ ବ୍ରହ୍ମାକୁମାର ଅକ୍ଷୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସ୍କୁଲ ପରିସରରୁ ହଟିଲାନି ଶୁଖିଲା ଗଛ

ଖଜୁରିପଡ଼ା,୨୯।୩-ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ପଞ୍ଚାୟତର ନୂଆଁ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପରିସରରେ ଶୁଖିଲା ଗଛ ବୋଲି ଗତ ୧୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ହେଲେ ଏଥିପ୍ରତି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କିମ୍ବା ସ୍କୁଲ କମିଟିର ଚେତା ପଶିନି। ଏହି ବିଦ୍ୟାଳୟ ପରିସରରେ ଅଛି ନୂଆଁ ସାହି ଅଙ୍ଗନୱାଡ଼ି କେନ୍ଦ୍ର। ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରତିଦିନ ଶିଶୁ ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀ ପଢୁଥିବା ଛାତ୍ରୀଛାତ୍ର ସ୍କୁଲ ଆସୁଛନ୍ତି। କିନ୍ତୁ ସ୍କୁଲ ପରିସର ଭିତରେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି ଏକ ଶୁଖିଲା ବିଶାଳକାୟ ଗଛ। କେତେବେଳେ କାଳବୈଶାଖୀର ଝଡ ତୋଫାନରେ ଡାଳ କାହା ଉପରେ ନ ପଡିବ ବୋଲି ଭୟ ଭିତ ହେଉଛନ୍ତି ଅଭିଭାବକ। ତେଣୁ ସ୍କୁଲ କମିଟି କର୍ତ୍ତୃପକ୍ଷ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଗଛକୁ ସ୍କୁଲ ପରିସର ଭିତରୁ ହଟାଇବା ଜରୁରୀ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଲୋକେ ପରିବର୍ତ୍ତନ ଚାହିଁଲେଣି, ବଦଳିଲେଣି: ପ୍ରଦୀପ

ଗୋପାଳପୁର,୨୯।୩ (ଡ଼ି.ଏନ.ଏ)


ଶୋଭାଯାତ୍ରାରେ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ସମର୍ଥକ।

ଗତ କିଛି ମାସର ନିରବତା ପରେ ପୁଣି ସକ୍ରିୟ ହୋଇଛନ୍ତି ବିଧାୟକ ପ୍ରଦୀପ ପାଣିଗ୍ରାହୀ। ବୁଧବାର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ପୂର୍ବାହ୍ନରେ ତାଙ୍କୁ ପଥରା ଛକ ନିକଟରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରୁ ସମର୍ଥକମାନଙ୍କ ସହିତ ଏକ ବାଇକ ରାଲିରେ ଗୋପାଳପୁର ଯାଇ ସତ୍ୟସାଇଙ୍କ ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାକୁ ଏକ ନମ୍ବର କରିବା ପାଇଁ ଯେଉଁ ସ୍ୱପ୍ନ ଜିଲାବାସୀଙ୍କୁ ଦେଖାଉଛନ୍ତି, ୨୩ ବର୍ଷ ପୂର୍ବରୁ କୁଆଡ଼େ ଯାଇଥିଲେ ବୋଲି ପ୍ରଶ୍ନ କରିଥିଲେ। ଜିଲାରେ ୧୩ ବିଧାୟକ ୨ ଏମପି ଓ ବରିଷ୍ଠ ନେତା ଗଞ୍ଜାମ ପାଇଁ କାହିଁକି ମୁହଁ ଖୋଲୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଲୋକେ ପରିବର୍ତ୍ତନ ଚାହିଁଲେଣି ଓ ବଦଳିଲେଣି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ବାଲ୍ୟରାମ ଦଳେଇ, ପ୍ରଦୀପ ସେନାର ସଭାପତି ଗଙ୍ଗାଧର ପାତ୍ର, କେ.ଅନୀଲ କୁମାର, ଅନୀଲ ପତି, ଧନଞ୍ଜୟ ରାଓ, ପ୍ରତାପ ମିଶ୍ର, ଲକ୍ଷ୍ମୀନାରାୟଣ ମହାପାତ୍ର, ସତୀଶ ନାୟକ, ରାଜେଶ ପଟ୍ଟନାୟକ, ରାଜେନ୍ଦ୍ର ସେଠୀ, ରବି ସେଠୀ, ସଞ୍ଜୟ ଜେନା, କାଳିଆ ପାତ୍ର, ପୂର୍ଣ୍ଣ ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ପଥରା ଛକ ନିକଟରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଓ କାଂସ୍ୟପଦକ ପ୍ରାପ୍ତ ଦୁଇ ପ୍ରତିଯୋଗୀ ଆର.ଘନଶ୍ୟାମ ରାଓ ଓ ନିଗମ ରାଉଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପିପୁଲ୍ସ ଟ୍ରଷ୍ଟର ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ

ବ୍ରହ୍ମପୁର ଅଫିସ,୨୯।୩

ବିପ୍ଳବୀ ଆଦିବାସୀ ନେତା ଓ ମହାନ ଦେଶପ୍ରେମୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ବୁଧବାର ପିପୁଲ୍ସ ଟ୍ରଷ୍ଟ ପକ୍ଷରୁ ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ଏହି ସଂଗ୍ରାମୀଙ୍କୁ ବ୍ରିଟିଶ ସରକାର ୧୯୪୩ ମାର୍ଚ୍ଚ ୨୯ରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଫାଶୀ ଦେଇଥିଲେ। ସୂଚନାଯୋଗ୍ୟ ରାଜ୍ୟର ଏକମାତ୍ର ଫାଶୀ ଖୁଣ୍ଟ ଏହି ଜେଲରେ ଅଛି। ବର୍ତ୍ତମାନ ସୁଦ୍ଧା ସଂଗ୍ରାମୀ ଲକ୍ଷ୍ମଣଙ୍କ ସମେତ ବିଭିନ୍ନ ଅପରାଧରେ ୬ ଜଣଙ୍କୁ ଏଭଳି ଦଣ୍ଡ ଦିଆଯାଇଛି।

ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଓ ଏହାର ବର୍ତ୍ତମାନ ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକଙ୍କ ଉଦ୍ୟମରେ ସ୍ଥାନୀୟ ହିଲପାଟଣା ଅଞ୍ଚଳରେ ଲକ୍ଷ୍ମଣଙ୍କ ସ୍ମୃତିରେ ବିଶାଳ କମ୍ୟୁନିଟି ହଲ ନିର୍ମିତ ହୋଇଛି। ସେହି ପରିସରରେ ବୁଧବାର ସନ୍ଧ୍ୟାରେ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭାରେ ଦଳମତ ନିର୍ବିଶେଷରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଦେଶପ୍ରେମୀଙ୍କ ଜୀବନୀ ନେଇ ଅଳି ବିସ୍ତୃତ ଆଲୋକପାତ କରିଥିଲେ। ପିପୁଲ୍ସ ଟ୍ରଷ୍ଟ ପକ୍ଷରୁ ଶହିଦଙ୍କ ପରିବାରକୁ ସହାୟତା ମଧ କରାଯାଇଥିବା ନଜିର ଅଛି। କମ୍ୟୁନିଟି ହଲ ସାମ୍ନାରେ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ପିପୁଲ୍ସ ଟ୍ରଷ୍ଟ ଅଧକ୍ଷ କୈଳାସ ଷଡ଼ଙ୍ଗୀ ସଭାରେ ଅଧକ୍ଷତା କରିଥିଲେ। ସିପିଏମ ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା, କୃଷକ ସଭା ନେତା ହରିକୃଷ୍ଣ ରେଡ଼ି, ବିଦ୍ୟାଧର ଜେନା, ଦିଲୀପ ଛୋଟରାୟ, ବାବୁଲା ନାୟକ, ସିଆଇଟିୟୁ ନେତା ପ୍ରତାପ ଚୌଧୁରୀ ଓ ଅନ୍ୟମାନେ ସଂଗ୍ରାମୀଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିପ୍ଳବୀଙ୍କ ଉଦ୍ଦେଶ୍ୟରେ ସଂଗୀତ ପରିବେଷଣ ହୋଇଥିଲା।

# କବି ପ୍ରଶାନ୍ତଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ


କବି ପ୍ରଶାନ୍ତ ମିଶ୍ରଙ୍କୁ ସମ୍ମାନିତ କରୁଛନ୍ତି ଅତିଥି।

କାଶୀନଗର,୨୯।୩

ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି ତଥା ଚର୍ଚ୍ଚିତ ବିପ୍ଳବୀ କବି ପ୍ରଶାନ୍ତ ମିଶ୍ରଙ୍କୁ ତାଙ୍କ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ରାଜ୍ୟସ୍ତରୀୟ ସମ୍ମାନ ଓ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ରାଉରକେଲା ଛେଣ୍ଡ କଲୋନୀରେ ଅନୁଷ୍ଠିତ ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟର ପଞ୍ଚଦଶ ବାର୍ଷିକ ଉତ୍ସବ ଅବସରରେ ଉକ୍ତ ସଙ୍ଗଠନର ସଭାପତି ବିଶିଷ୍ଟ ଗାଳ୍ପିକ ଓ ଭ୍ରମଣ କାହାଣୀ ଲେଖକ ଭୂପେନ ମହାପାତ୍ର ଏବଂ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟର ଅଧିକାରୀ ସନନ୍ଦ ଓ ଉପଢୌକନ ଦେଇ ମିଶ୍ରଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି। ପୂର୍ବତନ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ମହାନ୍ତି ଓ ଓଡ଼ିଶା, ଝାଡ଼ଖଣ୍ଡର ବହୁ କବି ଲେଖକ ଉକ୍ତ ସାରସ୍ୱତ ସମାବେଶରେ ଉପସ୍ଥିତ ଥିଲେ। ସାମାଜିକ ଗଣମାଧ୍ୟମରୁ ଏ ସମ୍ପର୍କରେ ଜଣାପଡିବା ପରେ କବି ମିଶ୍ରଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ପ୍ରକାଶଯୋଗ୍ୟ, ପ୍ରଶାନ୍ତ ମିଶ୍ର ଗଜପତି ଜିଲା କାଶୀନଗରରେ ବସବାସ କରନ୍ତି।

# ବିଭିନ୍ନ ସ୍ଥାନରେ ବ୍ୟାଙ୍କିଙ୍ଗ୍ ସେବା ଋଣ ମେଳା

ପୋଲସରା/ କବିସୂର୍ଯ୍ୟନଗର/ ରମ୍ଭା,୨୯।୩(ଡି.ଏନ.ଏ.)


ପୋଲସରାଠାରେ ଅନୁଷ୍ଠିତ ଋଣ ମେଳାରେ ଉପସ୍ଥିତ ଅତିଥି ।

ପୋଲସରା ବ୍ଲକର ହାତିଓଟ ଓ ଚିରିକିପଡାଶାସନ ପଞ୍ଚାୟତରେ ବୁଧବାର ସମିତି ସ୍ତରୀୟ ସମବାୟ ବ୍ୟାଙ୍କଙ୍କ ସେବା ଓ ଋଣ ସେବା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୋଲସରା ବ୍ଲକ ଚିରିକିପଡ଼ା ଶାସନ ପଞ୍ଚାୟତର ବିଜୁ କଲ୍ୟାଣ ମଣ୍ଡପରେ ସମିତି ସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଋଣ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ସମବାୟ ବ୍ୟାଙ୍କ ସଭାପତି ମଙ୍ଗଲୁ ଧର ସାହୁ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବ୍ଲକ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ସୋଡ଼କ ସରପଞ୍ଚ ଉତ୍କଳ କୁମାର ପ୍ରଧାନ, କେନ୍ଦୁବାଡି ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ଗୋଛାବାଡି ପୂର୍ବତନ ସରପଞ୍ଚ ମନମୋହନ ଗୌଡ଼, ସେବା ସମବାୟ ସମିତିର ସମ୍ପାଦକ ଉପେନ୍ଦ୍ର ପ୍ରଧାନ, ପୋଲସରା ଶାଖାର ସହ ପରିଚାଳକ ମାନସ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଏହି କର୍ମଶାଳା କାର୍ଯ୍ୟକ୍ରମ ହୋଇଥିଲା। କବିସୂର୍ଯ୍ୟନଗର ବ୍ଲକ ସିନ୍ଧୁରିଆପଡାଠାରେ ଆୟୋଜିତ କର୍ମଶାଳା ଷଣ୍ଢମରା ସେବା ସମବାୟ ସମିତି ସଭାପତି ଦାଶରଥି ନାୟକଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏଆର୍‌ସିଏସ୍ ଯୋଗମାୟା ସାବତ, ଏସ୍ଏଆର୍‌ସିଏସ୍ ସୁକାନ୍ତ କୁମାର ପାଢ଼ୀ, ଏରିଆ ଅଫିସର ସୁଧାଂଶୁ ମହାରଣା, ସରପଞ୍ଚ ରବୀନ୍ଦ୍ର ପୋଲାଇ, ସମିତି ସଭ୍ୟ ମମତା ଖଣ୍ଡୁଆଳ, ବୋରିସିଙ୍ଗି ସଭାପତି, ଅମୁଲ୍ୟ ଦାସ, ସମସ୍ତ ସମ୍ପାଦକ, ସୋସାଇଟି ସଭ୍ୟ ଉପସ୍ଥିତ ଥିଲେ। ସାନ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ମିଶନ ଶକ୍ତି ଗୃହ ପାର୍ଶ୍ୱରେ ମଧୁରଚୁଆ ସେବା ସମବାୟ ସମିତି ଆନୁକୂଲ୍ୟରେ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### ବିଏସ୍ଏଫ୍ ପକ୍ଷରୁ ସାଡିଙ୍ଗିଆରେ ସ୍ୱାସ୍ଥ୍ୟ ଶିବିର

ଫୁଲବାଣୀ ଅଫିସ, ୨୯।୩: କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆଠାରେ ୯୯ ବାଟାଲିଅନ ବିଏସ୍ଏଫ୍ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବରରେ କୋଟପାଙ୍ଗା, କିଆମୁଣ୍ଡା, ସାଡିଙ୍ଗିଆ ଗ୍ରାମରୁ ୧୧୭ ଜଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଏବଂ ଔଷଧ ବଣ୍ଟନ କରାଯାଇଥିଲା। ସାଡିଙ୍ଗିଆ ସରପଞ୍ଚ ସଦମଣୀ କହଁର, କୋଟପାଙ୍ଗା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉପେନ୍ଦ୍ର କୁମାର ସାହୁ, ସାଡିଙ୍ଗିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବି.କେ ପରିଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଏସ୍ଏଫ ସହକାରୀ କମାଣ୍ଡାଣ୍ଟ ସଞ୍ଜୀବ କୁମାର, କୋରାପୁଟ ବିଏସ୍ଏଫ ଡିଆଇଜି ଶୈଳେଶ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଡା. ଅଙ୍କୁଶ ରାୱଲ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମାଓବାଦୀ ପ୍ରବଣ ତଥା ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଞ୍ଚଳବାସୀମାନଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା, ସେମାନଙ୍କ ଦୁଃଖ ସୁଖରେ ଅଂଶୀଦାର ହେବା ସହିତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ଆଦିବାସୀଙ୍କ ପିଲାମାନଙ୍କର ଶିକ୍ଷା ସ୍ୱାସ୍ଥ୍ୟର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ତରଫରୁ ବିଏସଏଫ୍ ଯବାନମାନଙ୍କ ନେତୃତ୍ୱରେ ଏଭଳି ଶିବିର ଆୟୋଜନ ହେଉଛି।

### ଅଷ୍ଟଶମ୍ଭୁ ମହାମିଳନ ପ୍ରସ୍ତୁତି ବୈଠକ

କ.ନୂଆଗାଁ ୨୯।୩- କ.ନୂଆଗାଁରେ ପ୍ରତିବର୍ଷ ଭଳି ଏବର୍ଷ ମଧ ପଞ୍ଚୁଦଣ୍ଡ ପରିଚାଳନା କମିଟି ତରଫରୁ ୨୭ତମ ଅଷ୍ଟଶମ୍ଭୁ ମହାମିଳନ ନିମନ୍ତେ ପ୍ରସ୍ତୁତି ବୈଠକ କ.ନୂଆଗାଁ ଦୁର୍ଗା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଷ୍ଟଶମ୍ଭୁ ମହାମିଳନ ଏପ୍ରିଲ ୮ ତାରିଖ ଶନିବାର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଗଲା। ଏଥିରେ ଦାଉଙ୍ଗିଆ, କିଲୁପଡା, ଗୋଛାପଡା, ଲେଡିଙ୍ଗିଆ, ବନେଗାଁ, ରେବିଙ୍ଗିଆ, ରୁତୁଙ୍ଗିଆ ଓ ଶ୍ରୀପଲା ଏହି ଆଠଟି ଦଣ୍ଡ ଦଳ ଅଂଶଗ୍ରହଣ କରିବେ। ଏହି ବୈଠକରେ ପଞ୍ଚୁଦଣ୍ଡ ପରିଚାଳନା କମିଟିର ସଭାପତି ରଜନୀ କାନ୍ତ ସାହୁ, ସମ୍ପାଦକ ଆଲୋକ ଦୋରା, କୃଷ୍ଣ ମୋହନ ପାଣିଗ୍ରାହୀ, ପଣ୍ଡିତ କୁମାର ବିଶିମାଝୀ, ପ୍ରଭାବ ପାଣିଗ୍ରାହୀ, ବିଜୟ କୁମାର ସାହୁ, କାର୍ତ୍ତିକ ପ୍ରଧାନ, ସୁଶୀଲ କୁମାର ପାତ୍ର, ସରୋଜ କୁମାର ବିଶିମାଝୀ ,ସତ୍ୟନାରାୟଣ ପଣ୍ଡାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଗଞ୍ଜାମ ଜିଲା କ୍ରିକେଟ ସଂଘର ବାର୍ଷିକ ବୈଠକ

ବ୍ରହ୍ମପୁର ଅଫିସ,୨୯।୩-ଗଞ୍ଜାମ ଜିଲା କ୍ରିକେଟ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଷ୍ଟେଶନ ରୋଡ୍ ସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡ଼ା ସଂଘ ସଭାପତି ବିକ୍ରମ କୁମାର ପଣ୍ଡା ଅଧ୍ୟକ୍ଷତା କିରଥିଲେ। କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଜିଲା କ୍ରିକେଟ ସଂଘର ଭିତ୍ତିଭୂମି ଓ କ୍ରୀଡ଼ାବିତ୍ଙ୍କ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ କ୍ରିକେଟ ପିଚ୍ ପ୍ରସ୍ତୁତ, ଅଧିକରୁ ଅଧିକା ପ୍ରତିଯୋଗିତା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଉପସଭାପତି ବିଜୟ ପଟ୍ଟନାୟକ, ରମଣୀ ମହାନ୍ତି, ଇଂ ସୁରେଶ ମହାପାତ୍ର, ବିଜୟ ଭାସ୍କର ସିଂ ସାମନ୍ତ, ଦେବବ୍ରତ ଦେଓ ଏବଂ ତ୍ରିଲୋଚନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କାନରରେ ୨୫୦ ଶିକ୍ଷକଙ୍କ ଜାଲ୍ ପ୍ରମାଣପତ୍ର

- ଚାକିରିରୁ ବିଦା ହେଲେଣି ୩୭
- ନିର୍ଦ୍ଧାରିତ ସମୟରେ ତଦନ୍ତ ସାରିବାକୁ ନିର୍ଦ୍ଦେଶ

ଛତ୍ରପୁର,୨୯।୩(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଜାଲ୍ ଶିକ୍ଷାଗତଠାରୁ ଆରମ୍ଭ କରି ଜାତିଗତ ଓ ବିଭିନ୍ନ ପ୍ରମାଣପତ୍ର ଦାଖଲ କରି ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏନେଇ ଦୀର୍ଘ ବର୍ଷ ପୂର୍ବରୁ ଖୋଳତାଡ ଚାଲିଥିବାବେଳେ ତଦନ୍ତର ଶିଥିଳତା ଯୋଗୁଁ ଏହାର ସୁଫଳ ମିଳିପାରୁନି। ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ଜାଲ ଶିକ୍ଷକମାନଙ୍କ ତାଲିକା ମଧ ବାରମ୍ବାର ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଗଞ୍ଜାମ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କ ନିକଟକୁ ଆସୁଛି । ଏହାର ଯାଞ୍ଚ କରି ଜାଲ ପ୍ରମାଣପତ୍ର ଦାଖଲ କରି ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କାର୍ଯ୍ୟରୁ ଅନ୍ତର, ସ୍ଥାନୀୟ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଆସୁଛି । ମାତ୍ର ଗଞ୍ଜାମ ଜିଲା ଶିକ୍ଷା ବିଭାଗ ପକ୍ଷରୁ ହାତଗଣତି କାର୍ଯ୍ୟାନୁଷ୍ଠାନ ହେଉଛି । ଗଞ୍ଜାମ ଜିଲାରେ ଜାଲ ପ୍ରମାଣପତ୍ର ଦେଇ ଚାକିରି ପାଇଥିବା ୨୫୦ ଜଣ ଶିକ୍ଷକ ଏବେ ଶିକ୍ଷା ବିଭାଗର ସ୍କାନରରେ ଅଛନ୍ତି । ଏମାନଙ୍କ ଶିକ୍ଷାଗତ ଓ ବିଭିନ୍ନ ପ୍ରମାଣପତ୍ର ଯାଞ୍ଚ ପାଇଁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ ବୋର୍ଡକୁ ପଠାଯାଇଥିବା ନେଇ ବୁଧବାର ଛତ୍ରପୁରଠାରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତିଞ୍ଜ୍, ଯାହାର ପ୍ରମାଣପତ୍ର ଜାଲ ଜଣାପଡିବା ପରେ ତୁରନ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସେ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାର ୩୭ ଜଣ ଶିକ୍ଷକଙ୍କୁ ଚାକିରିରୁ ବିଦା କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଯାଞ୍ଚ ପ୍ରକ୍ରିୟା ସାରିବାକୁ ରାଜ୍ୟ ଶିକ୍ଷା ବିଭାଗ ନିକଟରୁ ଚିଠି ଆସିଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରମାଣପତ୍ର ଯାଞ୍ଚ ପାଇଁ ଆବଶ୍ୟକ ଅର୍ଥ ମଧ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ ବୋର୍ଡକୁ ଦେବା ଲାଗି ବ୍ୟବସ୍ଥା ହୋଇଛି । ଅନ୍ୟ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ବୋର୍ଡରୁ ପ୍ରମାଣପତ୍ର ଯାଞ୍ଚ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବା ଜଣାଯାଇଛି । ସୂଚାଯୋଗ୍ୟ ଗଣଶିକ୍ଷା ବିଭାଗର ସ୍କାନରରେ ଥିବା ସମ୍ପୃକ୍ତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କଡାକଡି କରିବା ପାଇଁ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କୁ ପୁଣି ନିର୍ଦ୍ଦେଶ ସମ୍ବନ୍ଧୀୟ ଚିଠି ଆସିଛି। ଚିହ୍ନଟ ଜାଲ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଥାନାରେ ମାମଲା ଦାୟର କରିବାକୁ ନିର୍ଦ୍ଦେଶ ଆସିଛି। ଯାଞ୍ଚ ଓ ତଦନ୍ତରେ ବିଳମ୍ବ ଯୋଗୁଁ କେତେକ ଜାଲ ପ୍ରମାଣପତ୍ର ଦାଖଲ କରି ନିଯୁକ୍ତି ପାଇଥିବା ଶିକ୍ଷକମାନେ କୋର୍ଟକୁ ଯାଇ ସ୍ଥଗିତାଦେଶ ଆଣିବାରେ ସକ୍ଷମ ହେଉଛନ୍ତି । ଏପରିକି କେତେକ ଜାଲ ପ୍ରମାଣପତ୍ର ଦାଖଲ କରି ହୋଇଥିବା ଶିକ୍ଷକଙ୍କ ନାଁରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ମଧ ଦିଆଯାଉଛି । ମାତ୍ର ଥାନାରୁ ହିଁ ପିଆର୍ ବଣ୍ଡରେ ଛାଡି ଦିଆଯାଉଛି । ଆହୁରି କେତେକ ଶିକ୍ଷକ ଇସ୍ତଫା ଦେଇ ନିଜକୁ ସୁରକ୍ଷିତ କରୁଛନ୍ତି । ଏପରିକି ଜାଲ ପ୍ରମାଣପତ୍ର ଜଣାପଡିବା ପରେ ସମ୍ପୃକ୍ତ ଶିକ୍ଷକମାନଙ୍କୁ ଚାକିରିରୁ ବିଦା କରାଯାଇଛି। ମାତ୍ର ତାଙ୍କର ଚାକିରି କାଳରେ ପାଇଥିବା ଦରମା ବାବଦରେ ଅର୍ଥ ସେମାନଙ୍କ ଠାରୁ ଆଦାୟ ମଧ କରାଯାଉ ନ ଥିବା ଜଣାପଡିଛି।

# ପୁରୀ ରଥଯାତ୍ରା ପାଇଁ କଟାଗଲା ଫାସିକାଠ


ରେଞ୍ଜର କୁମର ବେହେରା ଫାସି ଗଛ ନିକଟରେ ପୂଜାର୍ଚ୍ଚନା କରୁଛନ୍ତି।

ଭଞ୍ଜନଗର,୨୯।୩(ଡି.ଏନ.ଏ.)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ପୁରୁଣାପାଣି ଜଙ୍ଗଲରୁ ପୁରୀ ରଥଯାତ୍ରା ପାଇଁ ନିର୍ମାଣ ହେଉଥିବା ରଥ ଲାଗି ବୁଧବାର ଫାସିକାଠ କଟାଯାଇଛି। ଗଛ କାଟିବା ପୂର୍ବରୁ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଆସି ଚିହ୍ନଟ ଗଛ ପାଖରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଗଛ କଟା ଯାଇଥିଲା। ଏହି ସମୟରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ବନପାଳ ଶରତ ମହାନ୍ତି, ବନରକ୍ଷୀ ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଟା ହୋଇଥିବା ଗଛଗୁଡିକୁ ଶୀଘ୍ର ପୁରୀ ପଠାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ କନ୍ଧମାଳ ପ୍ରଥମ

ଫୁଲବାଣୀ ଅଫିସ, ୨୯।୩

ଇନ୍ଦୋରରେ ଚାଲିଥିବା ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ଟିମ୍ ପ୍ରଥମ ହୋଇଛି । ଏହି ଟିମ୍ ଉଭୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛି । ତୁମୁଡିବନ୍ଧ ବ୍ଲକର ମୁଣ୍ଡିଗଡ ପଞ୍ଚାୟତ ସେଶ୍ରା ଗାଁ ଓ ଚଙ୍ଗାପଦରର ୨୦ ଜଣ ଯୁବତୀ ଯୁବକ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମ ଗତ ୨୦ରୁ ୨୬ ପର୍ଯ୍ୟନ୍ତ ଚାଲିଥିଲା। ଏହି ଟିମ୍ ଫୁଲବାଣୀରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।


କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବତୀ ଯୁବକ।

# ୧୧୪ କେଜି ଗଞ୍ଜେଇ ଚାଲାଣ କରି ୨ ଗିରଫ

ଆର.ଉଦୟଗିରି,୨୯।୩(ଡି.ଏନ.ଏ.)

ମୋହନା ବ୍ଲକ ଅଡବା ଥାନା ଅନ୍ତର୍ଗତ ରୁମେଶ-ପରମାଗୁଡା ଅଞ୍ଚଳରେ ଅଡବା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌ରୁ ୧୧୪ କେଜି ଗଞ୍ଜେଇ ଜବତ କରିଛି। ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ପୋଲିସ ଅଭିନସ ମୟୂରିୟା ଏବଂ ଦୀପକ କୁମାରଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଗଞ୍ଜେଇକୁ ଉତ୍ତର ପ୍ରଦେଶର ଫତେପୁର ଅଞ୍ଚଳକୁ ନେଉଥିବା ବେଳେ ଧରାପଡ଼ିଥିଲେ। ଏ ନେଇ ଅଡବା ଥାନାରେ ନଂ. ୪୯/୨୩ରେ ମାମଲା ରୁଜୁ ହୋଇଥିବା ବେଳେ କାର୍ ସହ ଗୋଟିଏ ବାଇକ୍‌କୁ ପୋଲିସ ଜବତ କରିଛି। ଏହି ଚଢ଼ାଉରେ ଅଡବା ଏସ୍ଆଇ ଭାଗ୍ୟଲତା ଦାସଙ୍କ ସହ ତାଙ୍କ ଦଳ ସହଯୋଗ କରିଥିଲେ। ଏହି ଗଞ୍ଜେଇ ଜବତ ସମୟରେ ସ୍ଥାନୀୟ ତହସିଲଦାର ହିମାଂଶୁ ଭୂଷଣ ପଲାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ।

# ବଳାତ୍କାର ଉଦ୍ୟମକାରୀଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୯।୩

ଜଣେ ଶାରୀରିକ ଅକ୍ଷମ ନାବାଳିକା(୧୭)ଙ୍କୁ ବଳାତ୍କାର ଉଦ୍ୟମ ମାମଲାର ବିଚାର କରି ବୁଧବାର ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୩୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ବଶିଷ୍ଠ ଦିଗାଲ। ୨୦୧୯ ଜାନୁୟାରୀ ୫ ତାରିଖ । ନାବାଳିକାଙ୍କ ମାତା ପିତା ଫୁଲବାଣୀ ମେଡିକାଲ ଯାଇଥିଲେ । ଘରେ କେହି ନ ଥିବାର ସୁଯୋଗ ନେଇ ଅପରାହ୍ନ ୪ଟା ବେଳେ ବଶିଷ୍ଠ ନାବାଳିକାଙ୍କୁ ନିଜ ଘର ବାରଣ୍ଡାକୁ ଟାଣି ନେଇ ବଳାତ୍କାର ଉଦ୍ୟମ କଲା ବେଳେ ସେ ଜୋରରେ ପାଟି କରିଥିଲେ। ଏହି ସମୟରେ ତାଙ୍କର ଜଣେ ସାଙ୍ଗ ଚାଲି ଆସିବାରୁ ବଶିଷ୍ଠ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକା ଜଣକ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ । ପୋଲିସ ୫/୧୯ରେ ମାମଲା ରୁଜୁ କରି ବଶିଷ୍ଠଙ୍କୁ ଗିରଫ କରିଥିଲା । ମୋଟ ୧୨ଜଣଙ୍କ ସାକ୍ଷୀ ବୟାନକୁ ଆଧାର ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ



ବୈଠକରେ ଏସ୍ଡିସି, ଜିଲାପାଳ, ପିଏଆଇଟିଡିଏଙ୍କ ସହ ଅନ୍ୟମାନେ।

ଫୁଲବାଣୀ ଅଫିସ, ୨୯।୩

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସଭାଗୃହରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍ଡିସି)ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସ୍ଡିସି ଅଧ୍ୟକ୍ଷ ରୋଦନ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ଆଦିବାସୀମାନଙ୍କ ଆଇଟିଡିଏ ସଂସ୍ଥା କାମ କରୁଛି । ସେମାନଙ୍କର ଜୀବନ ଜୀବିକା ଏବଂ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଜିଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ଚଳିତ ଆର୍ଥିକ ବର୍ଷରେ କ’ଣ କ’ଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ତାହା ଉପରେ ଆଲୋଚନା କରିଥିଲେ। ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର କାର୍ଯ୍ୟକ୍ରମ ଉପରେ ବିଶଦ୍ ବିବରଣୀ ରଖିଥିଲେ। ଆଦିବାସୀଙ୍କ ସାଂସ୍କୃତିକ ଗୃହ, ଜନଜାତି ହାଟ, ଦେବସ୍ଥଳୀର ବିକାଶ, ଜିଲା ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା, ଖେଳ କୁଦର ବିକାଶ, ଦକ୍ଷତା ବିକାଶ ତାଲିମ, ପ୍ରତ୍ୟେକ ବ୍ଲକରେ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିଯୁକ୍ତି ଆଦି ଅନେକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ.ମଧୁସୂଦନ ବେହେରା ମଧ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ବୈଠକରେ ୧୨ ଟି ବ୍ଲକରୁ ଆସିଥିବା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ, ସମସ୍ତ କାଉନସିଲ ମେମ୍ବର ଯୋଗଦେଇ ନିଜ ମତ ରଖିଥିଲେ । ଆଇଟିଡିଏର କର୍ମଚାରୀ ବଳଭଦ୍ର ଜାନୀ, ସତ୍ୟ ପ୍ରଧାନ, କୈଳାଶ ସାହୁ, ଦିବ୍ୟ ପଟ୍ଟନାୟକ, ବୈଦ୍ୟନାଥ ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏସ୍ଡିସି ଉପାଧ୍ୟକ୍ଷା ନଳିନୀ କହଁର ଧନ୍ୟବାଦ ଦେଇଥିଲେ।

## ଆମ ପୋଲିସ ସମିତି ବୈଠକ
# ଦଣ୍ଡନାଚରେ ପରିବେଷଣ ହେବନି ଅଶ୍ଳୀଳ ନୃତ୍ୟ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର,୨୯।୩(ଡି.ଏନ.ଏ)

ଭଞ୍ଜନଗର ଆମ ପୋଲିସ ସମିତି ବୈଠକ ବୁଧବାର ନିଧିଆପଲ୍ଲୀ ଠାରେ ସ୍ୱାଭାବିକ ଭାବେ ଅନୁଷ୍ଠିତ ହୋଇଯାଇଛି। ବର୍ଷା ଯୋଗୁ ଅତିଥିମାନେ ମଞ୍ଚରେ ଛତା ଧରି ବସିଥିବା ବେଳେ ଉତ୍ସବକୁ ଆସିଥିବା ଲୋକେ ବର୍ଷା ହେଲେ ମଧ ମଞ୍ଚ ସମ୍ମୁଖରେ ବସି ଭାଷଣ ଶୁଣିଥିଲେ। ବୈଠକରେ ଏସ୍ଡିପିଓ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଣ୍ଡନାଚରେ ଅଶ୍ଳୀଳ ନୃତ୍ୟ ଯେଭଳି ପ୍ରଦର୍ଶୀତ ନହେବ ସେଥିପ୍ରତି ସମସ୍ତ ଦଣ୍ଡନାଚ କର୍ମକର୍ତା ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଥାନା ଅଧିକାରୀ ଧିରେଶ ଦାସ ପ୍ରାରମ୍ଭିକ ସୁଚନା ପ୍ରଦାନ କରିବା ସହ ଦଣ୍ଡନାଚରେ ଯେଭଳି କୈଣସି ବିଶୃଙ୍ଖଳା ନହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ । ଦଣ୍ଡନାଚ କର୍ମକର୍ତ୍ତାମାନେ ଲାଇଟ୍ ଏବଂ ସାଉଣ୍ଡ ଅନୁମତି ନେବେ। ଅନୁପମ ବାନାର୍ଜି ସଭାକୁ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି, ଏମ୍ପି ପ୍ରତିନିଧି ପଞ୍ଚାନନ ପାଳ, ପ୍ରମୋଦ ପ୍ରଧାନ, ଜଗବନ୍ଧୁ ଜେନା, ଜିଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ମୁଜାଗଡ଼ ସରପଞ୍ଚ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଭଞ୍ଜନଗର ଥାନା ଅଞ୍ଚଳର ଦଣ୍ଡନାଚ କର୍ମକର୍ତ୍ତା ଏବଂ ନିଧିଆପଲ୍ଲୀ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ମା’ କୁଠାରୀ ଚଣ୍ଡୀଙ୍କ ମୁଣ୍ଡନ ଯାତ୍ରା

ପାତ୍ରପୁର,୨୯।୩(ଡି.ଏନ.ଏ.)

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାବିଟି ଥାନା ରାଜପୁର ପଞ୍ଚାୟତ ବିନ୍ଧ୍ୟଗିରି ଗ୍ରାମରେ ମା’ କୁଠାରୀ ଚଣ୍ଡୀଙ୍କ ପୀଠ । ମା’ଙ୍କ ଅବସ୍ଥାନ ଆନ୍ଧ୍ରରେ ଥିଲାବେଳେ ଏହି ପୀଠକୁ ମୁଖ୍ୟତଃ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥାଏ। ପ୍ରତିବର୍ଷ ଅଶୋକାଷ୍ଟମୀ ତିଥିରେ ଏହି ପୀଠରେ ମା’ କୁଠାରୀଙ୍କ ଅଶୋକାଷ୍ଟମୀ ଯାତ୍ରା ହୁଏ। ଏଠାରେ ଓଡ଼ିଶାର ବହୁ ମାନସିକଧାରୀ ପରିବାର ନିଜ ପିଲାଛୁଆଙ୍କ ମୁଣ୍ଡନ କରନ୍ତି। ଏଥିପାଇଁ ଏହାକୁ ମୁଣ୍ଡନ ଯାତ୍ରା ବୋଲି ମଧ କୁହାଯାଏ । ବିଶେଷ କରି ଏହି ପୀଠକୁ ସ୍ଥାନୀୟ ଆନ୍ଧ୍ର ଲୋକଙ୍କ ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଆସିଥାନ୍ତି । ମା’ କୁଠାରୀ ବହୁ ବ୍ରାହ୍ମଣ ପରିବାର ସହ ଅନେକଙ୍କ ଗୃହ ଇଷ୍ଟ ହୋଇଥିବାରୁ ବର୍ଷକରେ ଏହି ଗୋଟିଏ ଦିନ ବହୁ ବ୍ରାହ୍ମଣ ପରିବାର ଏହି ପୀଠକୁ ଆସି ପୂଜାର୍ଚ୍ଚନା ସହିତ ନିଜ ପିଲାଙ୍କ ମୁଣ୍ଡନ କରିଥାନ୍ତି। ଯାତ୍ରା ପୂର୍ବଦିନ ଆଖପାଖ ଗ୍ରାମର ଭକ୍ତଙ୍କ ଉପସ୍ଥିତିରେ ମହାଦୀପ ଚଢାହୁଏ। ଯାତ୍ରାଦିନ ମା’ଙ୍କ ମାଙ୍ଗଳିକ ସ୍ନାନ, ଅଭିଷେକ ଓ ଆଳତି ପରେ ରାତ୍ର ୨ଘଣ୍ଟାରୁ ଦର୍ଶନ ଆରମ୍ଭ ହୁଏ। ପ୍ରଥମେ ନିଃସନ୍ତାନ ଦମ୍ପତି ଗୁଆବିଧାନ ପୂଜା ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥାଏ। ଆନ୍ଧ୍ରର ଇଚ୍ଛାପୁରମ୍ ଓ କାବିଟି ଉଭୟ ପୋଲିସ ଥାନା ତରଫରୁ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଥାଏ।

# ମୋହନା ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଆର.ଉଦୟଗିରି,୨୯।୩(ଡି.ଏନ.ଏ.)

ମୋହନା ଗ୍ରାମରେ ଥିବା ମୁଖ୍ୟ ବଜାର ଓ ସାହିଗୁଡ଼ିକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ମୋହନା ସଦର ମହକୁମା ହୋଇଥିଲେ ମଧ ଡ୍ରେନେଜ ବ୍ୟବସ୍ଥା ନାହିଁ। ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ବର୍ଷା ହେଲେ ଡ୍ରେନ୍‌ର ପାଣି ରାସ୍ତାରେ ଭାସୁଛି। ଅଳିଆ ଆବର୍ଜନା ସବୁ ରାସ୍ତା ଉପରକୁ ଚାଲି ଆସୁଛି। ଫଳରେ ପରିବେଶ ଦୂଷିତ ହୋଇ ମଶାମାଛିଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ପରିମଳ ବିଭାଗ ଦ୍ୱାରା ମଧ ନଳକୂପର ଚାରିପାଖ ସଫାସୁତରା କରାଯାଉନାହିଁ। ନଳକୂପ ଚାରିପାଖରେ ପାଣି ଜମି ରହୁଥିଲେ ମଧ ବ୍ଲିଚିଂ ସିଞ୍ଚନ ହେଉନାହିଁ। ଗାଁଗୁଡ଼ିକରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ସମିତିଗୁଡିକ ମଧ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବର୍ଷକୁ ସେମାନେ ପାଉଥିବା ୧୦ ହଜାର ଟଙ୍କା ଅନୁଦାନ କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହାକୁ ନେଇ ସାଧାରଣତରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଗ୍ରାମରେ ପରିମଳ ବ୍ୟବସ୍ଥା ନ ସୁଧାର ହେଲେ ଆଗାମୀ ଦିନରେ ଗ୍ରାମ ଲୋକେ ଝାଡାବାନ୍ତି ସହ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି। ମୋହନା ଖ୍ରୀଷ୍ଟିୟାନ ସାହି ଡ୍ରେନ୍‌ଗୁଡିକ ଦୀର୍ଘ ବର୍ଷ ହେଲା ସଫା ନ କରାଯିବାରୁ ସାହି ଲୋକଙ୍କ ଘରପାଣି ଡ୍ରେନ୍ ଯିବା ବଦଳରେ ରାସ୍ତା ଉପରେ ଭାସୁଛି। ସାହି ବାସିନ୍ଦାମାନେ ବହୁବାର ସରପଞ୍ଚ ଏବଂ ପିଇଓମାନଙ୍କୁ ଜଣାଇବା ସତ୍ତ୍ୱେ ପଞ୍ଚାୟତ ଅଧିକାରୀ ଡ୍ରେନ ସଫା ନ କରିବା ଦ୍ୱାରା ସାହି ଲୋକଙ୍କୁ ଡେଙ୍ଗୁ ହେବାର ବହୁ ସମ୍ଭାବନା ଅଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାଲାଗି ସାଧାରଣତରେ ଦାବି ହେଉଛି। ଏ ନେଇ ସ୍ଥାନୀୟ ସରପଞ୍ଚ ସୁନିତା ମଳିକ ଯୋଗାଯୋଗ କରିବାରୁ ସେ କହିଥିଲେ ମୋହନାରେ ଡେଙ୍ଗୁ ହେବା ସମୟରେ କିଛି ସାହି ଡ୍ରେନ୍ ସଫା କରାଯାଇଥିଲା। ଜିଲାପାଳ ଦୃଷ୍ଟିଦେଇ ଡ୍ରେନଗୁଡିକ ସଫା କରିବାକୁ ଦାବି ହେଉଛି।


ଅଳିଆ ଆବର୍ଜନାରେ ପୋତି ହୋଇଯାଇଥିବା ଡ୍ରେନ୍

# ତାଟିପାଟି ଗ୍ରାମ୍ୟ ରାସ୍ତା ଶୋଚନୀୟ

ପାରଳାଖେମୁଣ୍ଡି,୨୯।୩(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ତାଟିପାଟି ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ଗ୍ରାମ୍ୟ ରାସ୍ତାଟି ଦୀର୍ଘ ବର୍ଷ ଧରି ଏପରି ଅବସ୍ଥାରେ ପଡି ରହୁଥିବା ଏବଂ ରାସ୍ତା ନିର୍ମାଣ କରାଯାଉଥିଲେ ମଧ ନିମ୍ନମାନର କାମ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହେଉଥିବାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଗ୍ରାମବାସୀଙ୍କ କହିବା ମୁତାବକ, ନିମ୍ନମାନର କାମ ଯୋଗୁ ଏହି ଗ୍ରାମ୍ୟରାସ୍ତା ଖାଲଖମାରେ ପରିଣତ ହେଉଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଅଣଦେଖା କରି ଚାଲିଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ବିଶେଷ କରି ବର୍ଷା ଦିନେ ଉକ୍ତ ରାସ୍ତା ଅତି କଦର୍ଯ୍ୟମୟ ହୋଇପଡୁଥିବା ବେଳେ ବର୍ତ୍ତମାନ ପଶ୍ଚିମାଝଡ ପ୍ରଭାବରେ ବର୍ଷା ହେଉଥିବାରୁ ବର୍ଷା ପାଣି ଜମି କର୍ଦ୍ଦମାକ୍ତ ତଥା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରି ଖାଲଖମା ଓ କର୍ଦ୍ଦମାକ୍ତ ରାସ୍ତାରେ ଦୈନନ୍ଦିନ ଯାତାୟ କରି ଲୋକେ ଛୋଟ ବଡ ଦୁର୍ଘଟଣାର ଶିକାର ହେଉଥିବାର ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମ୍ୟ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଦୈନନ୍ଦିନ ଗ୍ରାମବାସୀ କାଦୁଅଭରା ରାସ୍ତାରେ ଯାତାୟାତ କରୁଛନ୍ତି। ଏଥିସହ ଏହି ରାସ୍ତାର ମରାମତି ପାଇଁ ଯେତେ କହିଲେ ମଧ ସ୍ଥାନୀୟ ପ୍ରଶାସନ ଶୁଣିନଥିବାର ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଗ୍ରାମ୍ୟ ରାସ୍ତାଟି ନିର୍ମାଣ ପାଇଁ ପୂର୍ବତନ ସ୍ଥାନୀୟ ସରପଞ୍ଚ ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନାରେ ନିର୍ମାଣ କରିଥିଲେ। ହେଲେ ବିଭାଗ ପକ୍ଷରୁ ସ୍ୱଳ୍ପ ଅର୍ଥ ମଞ୍ଜୁର କରାଯାଇଥିବାରୁ ସେଠାରୁ କାମ ବନ୍ଦ ହୋଇପଡିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ରାସ୍ତା କାମର ସମ୍ପୂର୍ଣ୍ଣ ବିଲ ହୋଇପାରିନଥିବାରୁ ରାସ୍ତାକାମ ଆଗକୁ ହେଉନଥିବାର ଜଣାପଡ଼ିଛି। ତେବେ ଆଗାମୀ ଦିନରେ ଏହି ରାସ୍ତା ନିର୍ମାଣ ଏବଂ ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଶୋଚନୀୟ ରାସ୍ତା।

